**ପିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା**

କୁଡୁମୁଲୁଗୁମ୍ମା, (ଡି.ଏନ.ଏ.)-କୁଡୁମୁଲୁଗୁମ୍ମା ପଞ୍ଚାୟତ ବୈଠକ ଗୃହରେ ଚାକିରିରୁ ଅବସର ନେଇଥିବା ପିଇଓ ପ୍ରଦୀପ ପଣ୍ଡାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଢ଼ୀ, ଜିଲା ପରିଷଦ ସଭ୍ୟ ବଳି ମାଝି, ସାଧୁ ହନ୍ତାଳ, ପୂର୍ବତନ ସରପଞ୍ଚ ଗୋପୀ ପାଙ୍ଗୀ, ସାମାଜିକ କର୍ମୀ ଭଗବାନ ସାହୁ, ହେମନ୍ତ ଦାସ ଓ ଜିଆର୍‌ଏସ୍ ଦେବେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ରହି ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କରୋନା ସମୟରେ ଲୋକଙ୍କୁ ସଚେତନ କରିବା ଦିଗରେ ଯାହା କାର୍ଯ୍ୟ କରାଯାଇଛି ତାହା ଆପଣମାନଙ୍କ ସହଯୋଗରେ ହିଁ ହୋଇଛି ବୋଲି ପଣ୍ଡା ସମ୍ବର୍ଦ୍ଧନାର ଉତ୍ତରରେ କହିଥିଲେ।

## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ: କାରଣ ଅସ୍ପଷ୍ଟ

ରାୟଗଡ଼ା ଅଫିସ/ଅମ୍ବାଦଳା, ୯।୬ (ଡି.ଏନ୍.ଏ.)-ରାୟଗଡ଼ା ଜିଲା ଅମ୍ବାଦଳା ଥନା ଶରଧାପୁର ପଞ୍ଚାୟତ ଅଧୀନ ମାଲିମୁଣ୍ଡା ଗ୍ରାମରେ ଗୁରୁବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଘରୁ ଜବତ ହୋଇଛି। ସେ ହେଲେ ଦୁର୍ଯ୍ୟ ବଛାଙ୍କ ସ୍ତ୍ରୀ ରେବତୀ। ତେବେ ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସୂଚନା ଅନୁଯାୟୀ, ବୁଧବାର ରାତିରେ ପରିବାର ଲୋକେ ବାହାରେ ଶୋଇଥିବା ବେଳେ ରେବତୀ ବର୍ଷକର ଶିଶୁପୁତ୍ର ସହ ଘର ଦୁଆର ନିକଟରେ ଖଟରେ ଶୋଇଥିଲେ। ଅଧରାତିରେ ପୁଅ କାନ୍ଦିବାରୁ ପରିବାର ଲୋକେ ଉଠିପଡ଼ିଥିଲେ। ରେବତୀ ଖଟରେ ନ ଥିବାରୁ ତାଙ୍କୁ ଘର ମଧରେ ଖୋଜିଥିଲେ। ତେବେ ଘର କବାଟ ଉଭୟ ପଟରୁ ବନ୍ଦ ରହିଥିଲା। ଶାବଳ ସାହାଯ୍ୟରେ କବାଟ ତାଡ଼ି ଘର ଭିତରକୁ ଯିବା ସମୟରେ ରେବତୀ ନିଜ ଶାଢ଼ୀକୁ ବେକରେ ଲଗାଇ ଝୁଲିଥିବା ଦେଖିବାକୁ ପାଇଥିବା ସ୍ୱାମୀ ଦୁର୍ଯ୍ୟ କହିଛନ୍ତି। ଘଟଣା ବିଷୟରେ ରେବତୀଙ୍କ ବାପଘର ଲୋକଙ୍କୁ ଖବର ଦିଆଯିବା ପରେ ଉଭୟଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ ଚଳାଇଛି। ରେବତୀ ଏବଂ ଦୁର୍ଯ୍ୟଙ୍କ ଦୁଇଟି ଝିଅ(୧୦ ଏବଂ ୫ ବର୍ଷ ବୟସ) ଏବଂ ବର୍ଷକର ଏକ ପୁଅ ରହିଛନ୍ତି। ତେବେ ରେବତୀଙ୍କ ମୃତ୍ୟୁ କିପରି ଘଟିଲା ସେ ନେଇ ତଦନ୍ତ ଚାଲିଥିବା ପୋଲିସ କହିଛି।

### ନଦୀ ପୋଲ ତଳକୁ ଖସି ବୃଦ୍ଧ ମୃତ

ଉମରକୋଟ, ୯।୬(ସ୍ୱ.ପ୍ର.)- ଉମରକୋଟ-ରାଇଘର ରାସ୍ତା ମଝିରେ ଥିବା ବେହେଡ଼ା ଗ୍ରାମର ତେଲ ନଦୀ ପୋଲ ଉପରୁ ଖସିପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଯାଇଛି। ସେ ହେଲେ ଅନ୍ଧାରୁ ଭତ୍ରା। ଅନ୍ଧାରୁ ଗୁରୁବାର ସାଇକେଲ ଯୋଗେ ବେହେଡ଼ା ଗ୍ରାମକୁ ଆସିଥିଲେ। ପ୍ରାୟ ୨.୩୦ ସମୟରେ କାମ ସାରି ଘରକୁ ଫେରୁଥିବା ବାଟରେ ବେହେନା ତେଲ ନଦୀ ପୋଲ ନିକଟରେ ନଦୀ ତଳକୁ ଖସି ପଡ଼ିଥିଲେ। ବୃଦ୍ଧଙ୍କ ନିକଟରୁ ଆଧାର କାର୍ଡ ଓ ବ୍ୟାଙ୍କ ପାସ୍‌ବୁକ୍ ମିଳିଛି। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଶୁକ୍ରବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ତେବେ ପୂର୍ତ୍ତ ବିଭାଗର ଖାମଖିଆଲ ନୀତି ଯୋଗୁ ଏଠାରେ ଦୁର୍ଘଟଣା ବଢ଼ୁଛି। ପୋଲ ଉପରେ ଗାର୍ଡୱାଲ୍ ନ ଥିବାରୁ ସାଇକେଲ, ବାଇକ୍ ଓ ଚାରିଚକିଆ ଯାନ ତଳକୁ ଖସି ବର୍ତ୍ତମାନ ସୁଦ୍ଧା ୩ ଜଣ ପ୍ରାଣ ହରାଇବା ସହ ୨୦ରୁ ଉର୍ଦ୍ଧ୍ୱ ଆହତ ହୋଇସାରିଲେଣି। ବିଭାଗୀୟ ଅଧିକାରୀ ଓ ଜିଲାପାଳ ଏ ଦିଗରେ ଦୃଷ୍ଟି ଦେବାକୁ ବେହେଡ଼ା ଗ୍ରାମବାସୀ ଦାବି କରିଛନ୍ତି।

### ବନ୍ୟପ୍ରାଣୀ ଶିକାର ବନ୍ଦ ଦିଗରେ ପଦକ୍ଷେପ ନିଆଯିବ

ମୁନିଗୁଡ଼ା, ୯।୬(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡ଼ା ବନାଞ୍ଚଳ ଅଧିକାରୀ ରୂପେ ଶିକ୍ଷାନବୀଶ ଭାରତୀୟ ବନସେବାର ବାଲାଇବନାନ ଆର. କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ସେ ନୂତନ ଜଙ୍ଗଲ ସୃଷ୍ଟି ସହ ବନ୍ୟପ୍ରାଣୀ ସୁରକ୍ଷାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବେ ବୋଲି କହିଛନ୍ତି। ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥିତ ସଭାଗୃହରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀଙ୍କ ସମେତ ବନପାଳ, ବନ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧିତ କରି ନିର୍ଦ୍ଧାରିତ ସମୟରେ ମଧ୍ୟରେ ଚାରା ରୋପଣ କାର୍ଯ୍ୟ ଶେଷ କରିବା, ଅବୈଧ ବନ୍ୟପ୍ରାଣୀ ଶିକାରକୁ ରୋକିବା ଏବଂ ହାତୀ କିମ୍ବା ମଣିଷ ମୃତ୍ୟୁକୁ ଶୂନ ରଖିବା ନେଇ ସ୍ୱତନ୍ତ୍ର ଧ୍ୟାନଦେବେ ବୋଲି କହିଛନ୍ତି। ମୁଖ୍ୟାଳୟ ବନପାଳ ସୁଶ୍ରୀ ପ୍ରମୋଦିନୀ ମାଣ୍ଡିଙ୍ଗୀଙ୍କ ସଂଯୋଜିତ ସଭାରେ ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ମିଶ୍ର ଶିକ୍ଷାନବୀସଙ୍କୁ ସ୍ୱାଗତ ଜଣାଇବା ସହ ବନାଞ୍ଚଳର ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଗୌରାଙ୍ଗ ଚରଣ ରାଉତ ଅନୁରୂପ ନୂତନ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ଜଙ୍ଗଲ ସହିତ ଯୋଡ଼ିବା ଦିଗରେ ଯତ୍ନବାନ ହେବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନପାଳ ସୁରେଶ ଚନ୍ଦ୍ର ପାତ୍ର, ଗୌତମ ପଣ୍ଡା, ଗିରି ପ୍ରଧାନୀ, ଡମ୍ବରୁଧର ସେନାପତି, ବନରକ୍ଷୀ ଅହଲ୍ୟା ପାତ୍ର, ସୁଜାତା ସୁନାମୁଦି, ପୁଷ୍ପାଞ୍ଜଳୀ ନାୟକ, ଶର୍ମିଷ୍ଠା ବଡ଼ଜେନା, ରୋନିତ ମହାରଣା, ସହଭାଗୀ ସଙ୍ଗଠନର ବିଘ୍ନରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବନପାଳ ଓ ବନ କର୍ମଚାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ସେ ଆଲୋଚନା କରିଥିଲେ।

# ଅଭିଯୁକ୍ତଙ୍କ ଘରେ ଭଙ୍ଗାରୁଜା, ପୋଡାଜଳା

କୋଟପାଡ,୯।୬(ଡି.ଏନ.ଏ.)



ଉତ୍ତ୍ୟକ୍ତ ଗ୍ରାମବାସୀ ଏବଂ ପୋଡାଜଳା ହୋଇଥିବା ସାମଗ୍ରୀ ।

କୋରାପୁଟ ଜିଲା କୋଟପାଡ଼ ବ୍ଲକ ଧାମନାହାଣ୍ଡି ପଞ୍ଚାୟାତ ର ସୌରାଖୁଡି ଗ୍ରାମରେ ଗତ ୨୩ ତାରିଖରେ କାର୍ଯ୍ୟରତ ଜଣେ ଅଙ୍ଗାନୱାଡି କର୍ମୀଙ୍କୁ ଉକ୍ତ ଗ୍ରାମର ଜଣେ ଯୁବକ ହତ୍ୟା କରିଥିବା ନେଇ କୋଟପାଡ଼ ଥାନାରେ ଅଭିଯୋଗ ହୋଇଥିଲା । ଏଥିରେ ସମ୍ପୃକ୍ତ ଗ୍ରାମର ସନ୍ତୋଷ ସୋରାବଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା । ଏବେ ଉକ୍ତଘଟଣାକୁ ନେଇ ଗୁରୁବାର କେତେକ ବ୍ୟକ୍ତି ସନ୍ତୋଷଙ୍କ ଘର ଉପରେ ଚଢାଉ କରି ଛାତ ଭାଙ୍ଗିବା ସହିତ ଘର ଭିତରେ ଥିବା ଆସବାବ ପତ୍ର ମୋଟର ସାଇକେଲ, ଟିଭି, ସାଇକଲ ଆଦି ଭଙ୍ଗାରୁଜା କରଛନ୍ତି। ଖବର ପାଇ ପୋଲିସ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ବୁଝାଶୁଝା କରିଥିଲେ ସୁଦ୍ଧା ସେମାନେ କିଛି ଶୁଣିନାହାନ୍ତି। ଭଙ୍ଗା ରୁଜା କରିଥିବା ସାମଗ୍ରୀଗୁଡିକୁ ନିଆଁ ଲଗାଇ ପୋଡି ଦେଇଛନ୍ତି। ସନ୍ତୋଷ ଜେଲରେ ଥିବା ବେଳେ ତାଙ୍କ ସମ୍ପର୍କୀୟ ଲୋକେ ଗ୍ରାମକୁ ଆସୁଥିବାରୁ ଲୋକେ ଉତ୍ତ୍ୟକ୍ତ ହୋଇ ଏଭଳି କରିଥିବା କେତେକ ଗ୍ରାମବାସୀ କହିଛନ୍ତି। ଭଙ୍ଗାରୁଜା କରିଥିବା ବ୍ୟକ୍ତିଙ୍କ ମଧ୍ୟରୁ ପୋଲିସ କହାକୁ ଗିରଫ କରିନାହିଁ । ଏ ନେଇ ଥାନା ଅଧିକାରୀ ଶେଷଦେବ ବେହେରାଙ୍କୁ ପଚାରିବାରୁ ସେ

**ଅଙ୍ଗନୱାଡି କର୍ମୀ ହତ୍ୟା ଘଟଣା**

କହିଲେ ଯେ, ଘଟଣାକୁ ନେଇ ତୋଦନ୍ତ ଚାଲିଛି । ଶାନ୍ତିଶୃଙ୍ଖଳା ରକ୍ଷା ସକାଶେ ଗ୍ରାମରେ ଏକ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି। ଯେଉଁମାନେ ଏହି ଘଟଣାରେ ସାମିଲ ଅଛନ୍ତି ସେମାନଙ୍କ ବିରୋଧରେ ତଦନ୍ତ ପରେ କାର୍ଯାନୁଷ୍ଠାନଗ୍ରହଣ କରାଯିବ ବୋଲି ବେହେରା କହିଛନ୍ତି। କହିଥିଲେ । ସୂଚନାଯୋଗ୍ୟ, ଘଟଣା ଦିନ ଅଙ୍ଗନୱାଡି କର୍ମୀ ବାସନ୍ତି ସୌରା ସୌଚ ହେବାକୁ ଘରର ପଛ ପାଖ ସୌଚାଳୟକୁ ଯାଇଥିଲେ। ସେଠାରେ ତାଙ୍କୁ କୌଣସି କାରଣରୁ ସନ୍ତୋଷ ହତ୍ୟା କରିଥିଲେ।

## ଉଙ୍ଗରପାଉଁଶ, ଖଟଲାପଦରରେ ଧାନମଣ୍ଡି



କୁନ୍ଦୁରା, ୯।୬ (ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକର ଉଙ୍ଗରପାଉଁଶି ଓ ଖଟଲାପଦରରେ ରବି ଧାନ ମଣ୍ଡି ଆରମ୍ଭ ହୋଇଛି। ଜିଲାରେ ରବି ଋତୁ ଧାନ ସଂଗ୍ରହ ନେଇ ପ୍ରୋକ୍ୟୁର ମେଣ୍ଟ ବୈଠକ ଗତ ମେ ୨୭ରେ ବସିଥିଲା। ଧାର୍ଯ୍ୟ ତାରିଖ ଘୋଷଣାର ୧୪ ଦିନ ପରେ ଏହି ଧାନମଣ୍ଡି ଆରମ୍ଭ ହୋଇଛି। ମଣ୍ଡି ଆରମ୍ଭ ସମୟରେ ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, କୁନ୍ଦୁରା ବ୍ଲକ ଯୋଗାଣ ନିରୀକ୍ଷକ ମୁରଲୀଧର ହେସା, କୁନ୍ଦୁରା ବ୍ଲକ ବିଜେଡି ଯୁବ ସଭାପତି ରାମାକାନ୍ତ ମିଶ୍ର, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ସୁଶାନ୍ତ ଜେନା, ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରିୟମ୍ବଦା ବେହେରା, ତହସିଲଦାର ଆୟୁବ ମଣ୍ଡଳଙ୍କ ସମେତ ଦାୟିତ୍ୱରେ ଥିବା ମହାମାୟୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମା' ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ରବି ଋତୁରେ କୁନ୍ଦୁରା ବ୍ଲକର ୯ଟି ସ୍ଥାନରେ ଧାନ ମଣ୍ଡି ହେଉଥିବା ବେଳେ ସେଥିରୁ ଉଙ୍ଗରପାଉଁଶି, କୁନ୍ଦୁରା ଏବଂ ଦିଗାପୁରଠାରେ ମହିଳା ସ୍ୱୟଂ ସହାୟକ ସଂଘ ଧାନ ସଂଗ୍ରହ କରିବ। ଫୁଫୁଗାଁ, ପଖନାଗୁଡା ଓ ତରାପୁଟଠାରେ ସମବାୟ ବିଭାଗ ଦ୍ୱାରା ଧାନ କ୍ରୟ କରାଯିବ। ଅନ୍ୟପକ୍ଷରେ ଧାର୍ଯ୍ୟ ହୋଇଥିବା ବାରରେ ଅନ୍ୟ ସମସ୍ତ ମଣ୍ଡିଗୁଡିକ ଆରମ୍ଭ ହେବ ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି।

## ଅବିଭକ୍ତ କୋରାପୁଟ ଜିଲାରେ ରେଳସେବାର ବିକାଶ ନେଇ ଦାବି ଉଠିଲା

ସୁନାବେଡ଼ା, ୯।୬(ସ୍ୱ.ପ୍ର.)

**ରେଳ ୟୁଜର୍ସ ପରାମର୍ଶଦାତା କମିଟି ବୈଠକ**

ଇଷ୍ଟ କୋଷ୍ଟ ଡିଭିଜନାଲ ରେଳ ୟୁଜର୍ସ ପରାମର୍ଶଦାତା କମିଟିର ୧୧୬ ତମ ବୈଠକ ବିଶାଖାପାଟଣା ଡିଆର୍‌ଏମ୍‌ଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଡିଆର୍‌ଏମ୍ ଅନୁପ କୁମାର ଶତପଥୀ ଅଧ୍ୟକ୍ଷତା କରିଥିଲେ। ବୈଠକରେ କୋରାପୁଟ ବିକାଶ ପରିଷଦର କୋଷାଧ୍ୟକ୍ଷ ଶେଖ ଇବ୍ରାହିମ ପରାମର୍ଶଦାତା କମିଟିର ସଦସ୍ୟ ଭାବରେ ଯୋଗଦେଇ ଅବିଭକ୍ତ କୋରାପୁଟ ଜିଲାରେ ରେଳ ସେବାର ବିକାଶ ପାଇଁ ଦାବି ଉପସ୍ଥାପନ କରିଥିଲେ। କୋଭିଡ୍ ପାଇଁ ଜିଲାରେ ବନ୍ଦ କରାଯାଇଥିବା କୋରାପୁଟ-ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ୍‌ର ପୁନଃ ଚଳାଚଳ, କିରାଣ୍ଡୁଲ-ବିଶାଖାପାଟଣା ଏବଂ କୋରାପୁଟ-ସମ୍ବଲପୁର ପାସେଞ୍ଜର ଟ୍ରେନର ପୁନଃ ଚଳାଚଳ, ଜଗଦଲପୁରରୁ କୋରାପୁଟ-ଭୁବନେଶର- ବାଲେଶ୍ୱର ଦେଇ ଖଡଗପୁର ଯାଏ ଟ୍ରେନ୍ ଚଳାଚଳ ନେଇ ସେ ଦାବି ଉପସ୍ଥାପନ କରିଥିଲେ। ଏହାଛଡ଼ା କୋରାପୁଟରୁ ଦିଲ୍ଲୀକୁ ଗୋଟିଏ ନୂତନ ଟ୍ରେନ, ଜଗଦଲପୁର-ଦୁର୍ଗ ଏକ୍ସପ୍ରେସ ଟ୍ରେନର ପୁନଃ ପ୍ରଚଳନ, ଜୟପୁର, କୋରାପୁଟ ଓ ଡୁମୁରିପୁଟ ରେଳ ଷ୍ଟେଶନର ଉନ୍ନତୀକରଣ, ବରିଷ୍ଠ ନାଗରିକଙ୍କୁ ରେଳ ଭଡ଼ାରେ ରିହାତି ପ୍ରଦାନ, ଜଗଦଲପୁର-ରାଉରକେଲା ଏକ୍ସପ୍ରେସକୁ ରାଞ୍ଚି ଯାଏ ସମ୍ପ୍ରସାରଣ ଏବଂ ହୀରାଖଣ୍ଡ ଏକ୍ସପ୍ରେସର ନାମ ପରିବର୍ତ୍ତନ କରି ଏହାକୁ ଶହୀଦ ଲକ୍ଷ୍ମଣ ନାୟକ ଏକ୍ସପ୍ରେସ୍ କିମ୍ବା ଦେଓମାଳି ଏକ୍ସପ୍ରେସ୍‌ରେ ନାମିତ କରିବା ପାଇଁ ସେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହାବ୍ୟତୀତ ନୌପଡ଼ା-ଗୁଣପୁର- ଥେରୁବାଲି ରେଳ ପ୍ରକଳ୍ପ, ଜୟପୁର-ମାଲକାନଗିରି ଏବଂ ଜୟପୁର-ନବରଙ୍ଗପୁର ନୂତନ ରେଳପଥ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଇବ୍ରାହିମ ଦାବି କରିଥିଲେ। କୋଭିଡ୍ ବେଳେ ଚଳାଚଳ ବନ୍ଦ ଥିବା ଟ୍ରେନ୍‌ଗୁଡ଼ିକ ଖୁବ୍‌ଶୀଘ୍ର ଚାଲୁ କରାଯିବ ଏବଂ ରେଳପଥର ଚାଲିଥିବା ଦୋହରୀକରଣ କାର୍ଯ୍ୟ ସମ୍ପନ୍ନ ପରେ ନୂତନ ଟ୍ରେନ ଚଳାଚଳ ବ୍ୟବସ୍ଥା କରାଯିବ ବୋଲି ବୋଲି ଡିଆର୍‌ଏମ୍ ଶତପଥୀ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ମ୍ୟାନେଜର ଅଖିଳେଶ ତ୍ରିପାଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।


ବୈଠକରେ ଶେଖ ଇବ୍ରାହିମଙ୍କ ସହ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

## ନାବାଳିକାଙ୍କୁ ଗଣବଳାତ୍କାର ଉଦ୍ୟମ ଘଟଣାକୁ ଅସ୍ୱୀକାର କଲେ ପରିବାର ଲୋକେ

ପଟ୍ଟାଙ୍ଗୀ, ୯।୬(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ତଥା ସୁଙ୍କି ଫାଣ୍ଡି ଅଧୀନ ତଳଗୋଲୁର ପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକାଙ୍କ ଗଣବଳାତ୍କାର କରାଯାଇଥିବା ନେଇ ହୋଇଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି ତାଙ୍କ ପରିବାରବର୍ଗ। ସମ୍ପୃକ୍ତା ନାବାଳିକାଙ୍କୁ ପଡୋଶୀ ଆନ୍ଧ୍ର ଗ୍ରାମର ୪ ଯୁବକ ଗଣ ବଳାତ୍କାର କରିବା ଲାଗି ଉଦ୍ୟମ କରିବା ପରେ ସେ ଆତ୍ମହତ୍ୟା କରିଥିବା ନେଇ ଖବର ପ୍ରକାଶ ପାଇଥିଲା। ଏହାକୁ ସମ୍ପୃକ୍ତ ପରିବାର ଏବଂ ଗ୍ରାମବାସୀ ଖଣ୍ଡନ କରିଛନ୍ତି। ଖବରରୁ ଜଣାପଡିଛି ଏହି ପଞ୍ଚାୟତ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ନାବାଳିକା ଝିଅ ଘରେ କେହି ନ ଥିବା ସମୟରେ ନିଜ ଚୁନୁରି ଦ୍ୱାରା ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡିନାହିଁ। ଏହି ସମୟରେ ତାଙ୍କ ମାଆବାପା ଚାଷଜମିକୁ କାମ କରିବାକୁ ଯାଇଥିଲେ। ସେମାନେ କାମରୁ ଫେରି କବାଟ ବାଡେଇ ଡାକିଥିଲେ ମଧ୍ୟ ଝିଅ କବାଟ ଖୋଲି ନ ଥିଲେ। ଏ ବିଷୟରେ ସେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଜଣେ ଗ୍ରାମବାସୀ ଛପର ଉପରେ ଚଢି ଦେଖିବାରୁ ନାବାଳିକା ଜଣକ ଆତ୍ମହତ୍ୟା କରିଥିବା ଜଣାପଡିଥିଲା। ଖବର ପାଇ ସୁଙ୍କି ଫାଣ୍ଡି ଅଧିକାରୀ କରୁଣାକର ଶବର ପହଞ୍ଚି ନାବାଳିକାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏହି ଅବସରରେ ଝିଅକୁ ଗଣ ବଳାତ୍କାର ଉଦ୍ୟମ ହୋଇଥିବା ନେଇ ହେଉଥିବା ପ୍ରଚାର ମିଥ୍ୟା ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ତାଙ୍କ ଝିଅ ପଟ୍ଟାଙ୍ଗୀର କୌଣସି ଆଶ୍ରମ ବିଦ୍ୟାଳୟରେ ପଢୁ ନ ଥିଲେ ବୋଲି ପରିବାର ଲୋକେ କହିଛନ୍ତି। ପୋଲିସ ଗ୍ରାମବାସୀ ଏବଂ ପରିବାର ଲୋକଙ୍କ ତଥ୍ୟକୁ ଆଧାରକରି ୧୨/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ନାବାଳିକା ଜଣକ କେଉଁ ପରିସ୍ଥିତିରେ ଆତ୍ମହତ୍ୟା କଲେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ଫାଣ୍ଡି ଅଧିକାରୀ ଶବର କହିଛନ୍ତି।

## ୮ ବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୯।୬ (ନି.ପ୍ର.)



ଚୋରି ଓ ଡକାୟତି ମାମଲାରେ ଜଡିତ ଜଣେ ଅଭିଯୁକ୍ତଙ୍କୁ ଦୀର୍ଘ ୮ ବର୍ଷ ପରେ ଟାଉନ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଜୟପୁର କୁନ୍ଦାରିଗୁଡା ଗ୍ରାମର ରିଙ୍କୁ ସମରଲିଆ (୩୮) । ୨୦୧୪ରେ ରିଙ୍କୁଙ୍କ ନାମରେ ଟାଉନ ଥାନାରେ ଚୋରି ଓ ଡକାୟତି ମାମଲା ନେଇ ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ ଜାରି ଥିବା ବେଳେ ସେବେଠାରୁ ସେ ଫେରାରଥିଲେ। ଗୁରୁବାର ରିଙ୍କୁ ଗ୍ରାମରେ ଥିବା ସୂଚନା ପାଇ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଡାକ୍ତର, ଶିକ୍ଷକ ନିଯୁକ୍ତି ସହ ଉନ୍ନୟନ କାର୍ଯ୍ୟକୁ ଗୁରୁତ୍ୱ

ଡାବୁଗାଁ, ୯।୬ (ଡି.ଏନ୍.ଏ.)

**ଡାବୁଗାଁ ପଞ୍ଚାୟତ ସମିତି ସାଧାରଣ ବୈଠକ**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ଅଧ୍ୟକ୍ଷା ବୀଣା ମାଝିଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି ସାଧାରଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପଶୁପାଳନ, ମତ୍ସ୍ୟ, ଉଦ୍ୟାନ, ସମନ୍ୱିତ ଶିଶୁ ବିକାଶ, ମୃତ୍ତିକା ସଂରକ୍ଷଣ, ବନ ବିଭାଗ, ସାଧାରଣ ବଣ୍ଟନ, ସାମାଜିକ ସୁରକ୍ଷା ଓ ପେନ୍‌ସନ ଏବଂ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା।

ଭାରପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ.ଡି. ପ୍ରସାଦ ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ସହ ବିଭିନ୍ନ କୃଷି ଯୋଜନା ସମ୍ପର୍କରେ କୃଷି ବିଭାଗ ଅଧିକାରୀ କହିଥିଲେ। ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶବାଗାର ଦୟନୀୟ ଅବସ୍ଥାରେ ରହିଛି। ଏହାର ନୂତନ ଗୃହ ନିର୍ମାଣ, ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ ଦାବି ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା, ପୋଲ ନିର୍ମାଣ, ଶିକ୍ଷକ ନିଯୁକ୍ତି ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ନବରଙ୍ଗପୁର ଏମ୍‌ପି ରମେଶ ମାଝି, ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ବିଡିଓ ଶରତ ମାଝି, ତହସିଲଦାର ସନ୍ଧ୍ୟା ସମରଥ, ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଶୋୟୀ, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ରାଜ୍ୟ ସଭା ସଦସ୍ୟଙ୍କ ପ୍ରତିନିଧି ରାମାରାଓ ଚୌଧୁରୀ, ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମାଙ୍ଗୋ, ସିଡିପିଓ ଯମୁନା ଭତ୍ରା, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଏସ୍‌ବିଆଇ ଶାଖା ପରିଚାଳକ ନୀତୀଶ ସ୍ୱାଇଁ, ପ୍ରାଣୀ ଚିକିତ୍ସକ ଡା. ସାରସ୍ୱତ ସାହୁ, ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଶୁଭାଶିଷ ସାହୁ, ବନପାଳ ପ୍ରକାଶ ସରକାର, ଗ୍ରାମ୍ୟ ଉଦ୍ୟାନ କର୍ମଚାରୀ ଜଗଦୀଶ ତରାସିଆ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ରାଉତ, ସହକାରୀ ମତ୍ସ୍ୟାଧିକାରୀ ଗିରିଜାଶଙ୍କର ପଟ୍ଟନାୟକ, ଏବିଇଓ ସମରେନ୍ଦ୍ର ଭୌମିକ, ବ୍ଲକ ସମ୍ପ୍ରସାରଣ ଅଧିକାରୀ ପ୍ରିୟଚାନ୍ଦ ମଲ୍ଲିକ, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ପବିତ୍ର ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅତନୁ ଦେଉରୀ, ମୃତ୍ତିକା ସଂରକ୍ଷଣ ରେଞ୍ଜର ଗୌତମ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଗ୍ରାମ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକ ପ୍ରତିନିଧି।

## ବିଭିନ୍ନ ସମସ୍ୟା ନେଇ ଆଦିବାସୀ ସଂଘର୍ଷ ମୋର୍ଚ୍ଚାର ଦାବିପତ୍ର



ବିଭିନ୍ନ ଦାବି ନେଇ ପ୍ରତିବାଦ କରାଯାଉଛି।

ଗୁଣପୁର, ୯।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଠାରେ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ଗୁରୁବାର ବିର୍ସାମୁଣ୍ଡାଙ୍କ ୧୨୨ ତମ ଶହୀଦ ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ବିଭିନ୍ନ ସମସ୍ୟା ନେଇ ଏକ ସ୍ମାରକପତ୍ର ବ୍ଲକ ଏବଂ ତହସିଲ ଅଫିସରେ ପ୍ରଦାନ କରାଯାଇଛି। ନୂତନ ବସଷ୍ଟାଣ୍ଡ ଠାରୁ ପାରମ୍ପାରିକ ଲାଞ୍ଜିଆ ସୌରା ବେଶରେ ସଜ୍ଜିତ ହୋଇ ବାଦ୍ୟ ବାଜଣା ସହ ଶୋଭାଯାତ୍ରା ଗୁଣପୁର ତହସିଲ ଏବଂ ବ୍ଲକ ଅଫିସ ଠାରେ ପହଞ୍ଚିଥିଲା। ସୌରା ଭାଷା ଓ ଲିପିକୁ ସାମ୍ବିଧାନିକ ଅଧିକାର କରିବା, ସମସ୍ତ ଆଦିବାସୀଙ୍କୁ ଜଙ୍ଗଲ ଜମିଏବଂ ଘରଡିହ ପଟ୍ଟା ପ୍ରଦାନ, ଡ୍ରୋନ୍ କ୍ୟାମେରା ସର୍ଭେ ବନ୍ଦ କରାଯିବା, ଗୁଣପୁର ସହର ମଧ୍ୟରେ ଆଦିବାସୀଙ୍କୁ ଘରଡିହ ପଟ୍ଟା ପ୍ରଦାନ, ପୁଟାସିଂ, ଶଗଡ଼ା, ଜଲତାର, ଆବାଡ଼ା ଏବଂ ମରମା ଅଞ୍ଚଳରେ ପୂର୍ବ ପୁରୁଷରୁ ରହିଆସିବା ଜମିରେ ସେମାନଙ୍କୁ ଜମି ଓ ଘରଡିହ ପଟ୍ଟା ପ୍ରଦାନ, ଗୁଣପୁରଠାରେ ଟିଡିସିସି କେନ୍ଦ୍ର କରି ଆଦିବାସୀଙ୍କ ଦ୍ୱାରା ଆଦାୟ କାରଯାଉଥିବା ମହୁଲ, ଝୁଣା ଓ ତେନ୍ତୁଳି ସହ ଅନ୍ୟ ଜଙ୍ଗଲ ଜାତ ଦ୍ରବ୍ୟ କିଣିବା ପାଇଁ ବ୍ୟବସ୍ଥା ସୃଷ୍ଟି କରିବା ଆଦି ଦାବି କରାଯାଇଥିଲା। ସିପିଆଇଏମ୍‌ଏଲ୍‌ର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ, ବିଡିକା ଯାତ୍ରା, ସଞ୍ଜୀବ ଶବର, ବିଡିକା ଲାଛାନା, କୈଳାଶ ଶବର, ରମେଶ ପାତିକାଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଜିଲା ଶିକ୍ଷା ଅଧିକାରୀଙ୍କ ସହିତ ଆଲୋଚନା କଲା ଜିଲା ଅମଲା ସଂଘ

ଜୟପୁର, ୯।୬ (ନି.ପ୍ର.)

ଜିଲା ଅମଲା ସଂଘ ଗୁରୁବାର ଜିଲା ଶିକ୍ଷା ଅଧିକାରୀ (ଡିଇଓ) ରାମଚନ୍ଦ୍ର ନାହକଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଛି। କୋରାପୁଟ ଅମଲା ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟ,ସଭାପତି, ଉପସଭାପତି ସମ୍ପାଦକ ଶଶୀ ଭୂଷଣ ଦାଶ ଆଲୋଚନା କରିଥିବା ଜଣାପଡିଛି। ଏହି ସମୟରେ ସଂଘର ୧୦ ଦଫା ଦାବିକୁ ଗୁରୁତର ଆଲୋଚନା



କରାଯାଇଛି। ଶୀଘ୍ର ସମସ୍ତ ଦାବି ପୂରଣ କରିବା ନେଇ ପ୍ରତିଶ୍ରୁତି ମିଳିଛି ବୋଲି ଅମଲା ସଂଘ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ନିକଟରେ ବିଭିନ୍ନ ଦାବି ନେଇ ୯ ତାରିଖରେ ଜିଲା ଅମଲ ସଂଘ ଡିଇଓଙ୍କ କାର୍ଯ୍ୟାଳୟ ଘେରିବ ଏବଂ ଏଥିରେ ଅମଲାସଂଘର ରାଜ୍ୟସ୍ତରର ନେତାମାନେ ଯୋଗ ଦେବେ। ବୋଲି ନିଷ୍ପତ୍ତି ହୋଇଥିଲା।

## ବିଡିଓଙ୍କୁ ଜଗନ୍ନାଥପୁର ପଞ୍ଚାୟତବାସୀଙ୍କ ଦାବିପତ୍ର

ନନ୍ଦାହାଣ୍ଡି, ୯।୬(ଡି.ଏନ୍.ଏ.)

**ବିନା ଟେଣ୍ଡରରେ ପୁରୁଣା ଜିନିଷ ବିକାଯାଇଥିବା ଅଭିଯୋଗ**

ନଳକୂପ ମରାମତି ପରେ ପୁରୁଣା ପାଇପ ଓ ଅନ୍ୟ ସରଞ୍ଜାମକୁ ବିନା ଟେଣ୍ଡରରେ ବିକ୍ରି କରାଯାଇଥିବା ନେଇ ଅଭିଯୋଗ ଆଣିଛନ୍ତି ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଜଗନ୍ନାଥପୁର ପଞ୍ଚାୟତବାସୀ। ଏହାର ତଦନ୍ତ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଗୁରୁବାର ବିଡିଓଙ୍କୁ ଏକ ଦାବିପତ୍ର ଦେଇଛନ୍ତି।

ନଳକୂପ ମରାମତି କରିବା ପାଇଁ ସରକାର ଯୋଗାଇ ଦେଉଛନ୍ତି ସମସ୍ତ ସରଞ୍ଜାମ ଏବଂ ପୁରୁଣା ଜିନିଷକୁ ପଞ୍ଚାୟତରେ ଗଚ୍ଛିତ ରଖିବା ପାଇଁ ରହିଛି ନିର୍ଦ୍ଦେଶ। ପରବର୍ତ୍ତୀ ସମୟରେ ସରକାରୀ ହିସାବରେ ତାହାର ନିଲାମ କରିବା ନିୟମ ରହିଛି। କିନ୍ତୁ ନିୟମ ଖିଲାପ କରି ସରପଞ୍ଚଙ୍କ ସ୍ୱାମୀ ମନଇଚ୍ଛା ଉକ୍ତ ସାମଗ୍ରୀ ବିକ୍ରି କରୁଥିବା ଅଭିଯୋଗ କରିଛନ୍ତି ଜଗନ୍ନାଥପୁର ପଞ୍ଚାୟତବାସୀ। ଏନେଇ ନନ୍ଦାହାଣ୍ଡି ବିଡିଓଙ୍କୁ ଏକ ଅଭିଯୋଗ ପତ୍ର ଦିଆଯାଇଛି। ଏହାର ନକଲ ନବରଙ୍ଗପୁର ଜିଲାପାଳ ଓ ୫ଟି ସଚିବଙ୍କୁ ମଧ୍ୟ ଦିଆଯାଇଥିବା ପଞ୍ଚାୟତବାସୀ କହିଛନ୍ତି। ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭାରପ୍ରାପ୍ତ ବିଡିଓ ତଥା ଏବିଡିଓ ପ୍ରଫୁଲ୍ଲ କୁମାର କହଁର କହିଛନ୍ତି।

# ରାୟଗଡ଼ାରେ ଖୋଲିଲା ଗାଁ ଆମ୍ବ ପସରା

ରାୟଗଡ଼ା ଅଫିସ, ୯।୬

ରାୟଗଡ଼ା ଜିଲାର ବିଭିନ୍ନ ଅଞ୍ଚଳରେ ଉତ୍ପାଦନ ହୋଇଥିବା ଆମ୍ବକୁ ଚାଷୀ ଯେପରି ସୁବିଧାରେ ବିକ୍ରି କରି ଲାଭବାନ ହୋଇପାରିବେ ସେଥିପାଇଁ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ଗାଁ ଆମ୍ବ ପସରା ଖୋଲିଛି। ଓର୍‌ମାସ ପକ୍ଷରୁ ଚାଷୀଙ୍କ ଉଦ୍ଦେଶ୍ୟରେ ଡିଆର୍‌ଡିଏ ପ୍ରାଙ୍ଗଣରେ ଖୋଲାଯାଇଥିବା ସ୍ୱତନ୍ତ୍ର ଷ୍ଟଲ୍‌କୁ ଜିଲାପାଳ ସରୋଜ କୁମାର ମିଶ୍ର ଏହି ଆମ୍ବ ପସରାକୁ ଶୁଭାରମ୍ଭ କରିଛନ୍ତି।

ଚଳିତବର୍ଷ ଜିଲାରେ ବହୁତ କମ ପରିମାଣରେ ଆମ୍ବ ଉତ୍ପାଦନ ହୋଇଛି। ତେଣୁ ବଡ଼ଧରଣର ମେଳା କରାଯାଇନାହିଁ। ତେବେ ରାୟଗଡ଼ା ଆମ୍ବର ଚାହିଦା ଓଡ଼ିଶା ବାହାରେ ରହିଥିବାରୁ ଦିଲ୍ଲୀ ଏବଂ ଅନ୍ୟ ରାଜ୍ୟ ବଜାରକୁ ପଠାଯିବା ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଛନ୍ତି। ଏହି ଆମ୍ବ ପସରା ଜୁନ୍ ୧୫ ପର୍ଯ୍ୟନ୍ତ ଚାଲିବ ବୋଲି ଓର୍‌ମାସର ଅତିରିକ୍ତ ନିର୍ଦ୍ଦେଶକ


ଜିଲାପାଳ ଆମ୍ବ ପସରା ଉଦ୍‌ଘାଟନ କରୁଛନ୍ତି ।

**ଚଳିତ ବର୍ଷ ଉତ୍ପାଦନ କମ ଯୋଗୁ ବଡ଼ ମେଳା ନାହିଁ**

କହିଛନ୍ତି। ଏହି ଗ୍ରାମୀଣ ଆମ୍ବ ବଜାରରୁ ଗ୍ରାହକମାନେ ସୁଲଭ ମୂଲ୍ୟରେ ଆମ୍ବ ପାଇପାରିବେ। ଏଥିରେ ମାଳିକା, ଆମ୍ରପଲି କିସମର ଆମ୍ବ ବିକ୍ରି ହେଉଛି। ଆଗକୁ ଅନ୍ୟ ଆମ୍ବ ମଧ୍ୟ ବିକ୍ରି କରାଯିବ। ଉଦ୍‌ଘାଟନି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଡିଆର୍‌ଡିଏ ପିଡି ରବିନାରାୟଣ ତ୍ରିପାଠୀ, ରାୟଗଡ଼ା ଓରମାସ୍‌ର ଅତିରିକ୍ତ ନିର୍ଦ୍ଦେଶକ ମନୋଜ କୁମାର ପାତ୍ର, ଓଡ଼ିଶା ଜୀବିକା ମିଶନର ଅତିରିକ୍ତ ନିର୍ଦ୍ଦେଶକ ହେମନ୍ତ କୁମାର ବାଘଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

